## ଜଳିଗଲା ମୂଲ୍ୟବାନ ଗଛ

**ପାଟଣା,(ସ୍ୱ. ପ୍ର.):** କେନ୍ଦୁଝର ଜିଲା ପାଟଣା ରେଞ୍ଜ ମଲ୍ଲୀପଶି ବିଟ ଅନ୍ତର୍ଗତ ବଡ଼ଧନୁର୍ଜୟପୁର ଗ୍ରାମ ହରିପୁର ସାହିରେ ବନ ବିଭାଗ ପକ୍ଷରୁ ୩ ଏକର ପରିମିତ ଜମିରେ ବନୀକରଣ କରାଯାଇଥିଲା। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ଗୁରୁବାର ପୂର୍ବାହ୍ନରେ ନିଆଁ ଲାଗି ଯିବାରୁ ଶତାଧିକ କାଜୁ, ଶାଗୁଆନ ଓ ଆକାଶିଆ ଆଦି ମୂଲ୍ୟବାନ ଗଛ ଜଳି ପୋଡି ନଷ୍ଟ ହୋଇଯାଇଛି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇ ନ ଥିବା ବେଳେ କେହି ଦୁର୍ବୃତ୍ତ ଜଙ୍ଗଲ ରେ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ଖବର ପାଇ ଘଟଣାସ୍ଥଳରେ ଘଟଗାଁ ଅଗ୍ନିଶମ ବାହିନୀ ଓ ପାଟଣା ବନ ବିଭାଗ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି।



## ସଂକ୍ଷେପରେ

### ଆକାଉଣ୍ଟରୁ ଟଙ୍କା ଗାଏବ, ଥାନାରେ ଅଭିଯୋଗ

**ଯୋଡ଼ା,୨୧।୧(ଡି.ଏନ୍.ଏ.):** କେନ୍ଦୁଝର ଜିଲା ଯୋଡା ସହରର ୩ ନମ୍ବର ୱାର୍ଡ କୁନ୍ଦୁରନାଲାରେ ରହୁଥିବା କିଶୋର ଚନ୍ଦ୍ର ପାତ୍ରଙ୍କ ବ୍ୟାଙ୍କ ଆକାଉଣ୍ଟରୁ ୬୦ ହଜାର ଟଙ୍କା ଉଭାନ ହୋଇଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଜଣାପଡିଛି ଯେ, ୨୦୨୦ ମସିହା ନଭେମ୍ବର ମାସରେ କିଶୋର ଯୋଡ଼ାସ୍ଥିତ ଷ୍ଟେଟ୍ ବ୍ୟାଙ୍କରୁ ୮ ଲକ୍ଷ ଟଙ୍କା ଋଣ ନେଇଥିଲେ। ଋଣ ନେବାର କିଛିଦିନ ପରେ ଏଟିଏମ୍ କାଉଣ୍ଟରକୁ ଯାଇ ଟଙ୍କା ଉଠାଇବା ପୂର୍ବରୁ ମିନି ଷ୍ଟେଟମେଣ୍ଟ ବାହାର କରିଥିଲେ। ତାଙ୍କ ଋଣ ଆକାଉଣ୍ଟରୁ ପର୍ଯ୍ୟାୟକ୍ରମେ ୩ ଥରରେ ୬୦ ହଜାର ଟଙ୍କା ଉଭାନ ହୋଇଯାଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଷ୍ଟେଟ୍‌ବ୍ୟାଙ୍କକୁ ଆସି ଶାଖା ପରିଚାଳକଙ୍କ ସହ ଆଲୋଚନା କରି ଜାଣିବାକୁ ପାଇଥିଲେ ଯେ, ଗତ ତା୨୨।୧୧।୨୦୨୦ରିଖରେ କଳାହାଣ୍ଡି ଜିଲ୍ଲା ଭବାନିପାଟଣା ଏଟିଏମ୍‌ରୁ ୨୦ ହଜାର ଟଙ୍କା ଏବଂ ନଭେମ୍ବର ୨୩ ଓ ୨୪ ତାରିଖରେ ଝାରସୁଗୁଡା ଅଞ୍ଚଳର ଏକ ଏଟିଏମ୍ କାଉଣ୍ଟରରୁ ୨୦ ହଜାର ଟଙ୍କା ଲେଖାଏଁ ୨ ଥରରେ ୪୦ ହଜାର ଟଙ୍କା ଉଠାଯାଇଛି। ଏଘଟଣା ସମ୍ପର୍କରେ କିଶୋର ଯୋଡ଼ା ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡା ଥାନା ଆଇଆଇସି ରାଇସେନ ମୁର୍ମୁ କହିଛନ୍ତି।

### ଗାଡ଼ି ଚାଳକଙ୍କୁ ଗୋଲାପ, ମାସ୍କ ବଣ୍ଟନ

**ବନ୍ତ,୨୧।୧(ଡି.ଏନ.ଏ./ସ୍ୱ.ପ୍ର.):** ସାରା ରାଜ୍ୟରେ ସଡ଼କ ସୁରକ୍ଷା ମାସ ପାଳନ କରାଯାଉଥିବା ବେଳେ ଭଦ୍ରକ ଜିଲା ବନ୍ତ ପୋଲିସ ପକ୍ଷରୁ ଏହି ଅବସରରେ ସଚେତନତା କରାଯାଇଛି। ଭଦ୍ରକ-ଆନନ୍ଦପୁର ରାଜ୍ୟ ରାଜପଥର ବନ୍ତ ଓ ବସନ୍ତିଆ ବଜାରଠାରେ ଗାଡ଼ି ଚାଳକମାନଙ୍କୁ ଗୋଲାପ ଫୁଲ ଓ ମାସ୍କ ବାଣ୍ଟି ସଚେତନ କରାଇଛି ପୋଲିସ। ନିଜର ସୁରକ୍ଷା ପାଇଁ ସମସ୍ତ ବାଇକ୍ ଚାଳକ ହେଲ୍‌ମେଟ ବ୍ୟବହାର କରିବାକୁ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ଥାନାଧିକାରୀ ମିନା ବିନ୍ଧାଣୀ, ଏସ୍‌ଆଇ ପ୍ରସାଦ କୁମାର ଜେନା, ହାବିଲଦାର ନନ୍ଦ କିଶୋର ବିହାରୀ, କନଷ୍ଟେବଳ ଉମେଶ ପୂର୍ତ୍ତି, ଅଲେଖ ବିଶ୍ୱାଳ, ମାନସୀ ଜେନା, ପାନମଣି ସୋରେନ, ମୀନା ମୁଣ୍ଡରୀ, ଉମେଶ ରାଉତ, ମାନସ ବିଶ୍ୱାଳ ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ସାମିଲ ଥିଲେ।

### ବିବାହ ପ୍ରତିଶ୍ରୁତି ଦେଇ ବଳାତ୍କାର: ପ୍ରେମିକ ଚାଲାଣ

**ରାଇବଣିଆ,୨୧।୧:** ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆ ଥାନା ଅଞ୍ଚଳର ଜଣେ ଅନୁସୂଚିତ ଜନଜାତିର ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ମୟୂରଭଞ୍ଜ ଜିଲା ଶୁଳିଆପଦା ଅଞ୍ଚଳର ଜଣେ ଯୁବକ ମଝିଆ ହାଁସଦା ଜଙ୍ଗଲରେ ବଳାତ୍କାର କରି ଚମ୍ପଟ ମାରିଛନ୍ତି। ଏନେଇ ପୀଡିତା ଥାନାରେ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୪/୨୧) ରୁଜୁ ହୋଇଛି। ରାଇବଣିଆ ଥାନା ପୋଲିସ ମଝିଆଙ୍କୁ ଗିରଫ କରିଛି।

ମଝିଆ ଗତ କିଛିଦିନ ତଳେ ମୟୂରଭଞ୍ଜରୁ ଆସି ରାଇବଣିଆ ଅଞ୍ଚଳରେ ଶ୍ରମିକ ଭାବେ କାର୍ଯ୍ୟ କରି ଉକ୍ତ ଯୁବତୀଙ୍କୁ ପ୍ରେମଜାଲରେ ଫଶାଇଥିଲେ।

### ନଦୀରୁ କନଷ୍ଟ୍ରକ୍ସନ କମ୍ପାନୀ କର୍ମଚାରୀଙ୍କ ମୃତଦେହ ଜବତ

**ବାରିପଦା ଅଫିସ,୨୧।୧:** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ପ୍ରତାପପୁର ଗ୍ରାମର ବାଇଧର ସିଂଙ୍କ ମୃତଦେହ ଗୁରୁବାର ବୁଢ଼ାବଳଙ୍ଗ ନଦୀରୁ ଜବତ ହୋଇଛି। ଏ ସଂକ୍ରାନ୍ତରେ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୩/୨୧) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରାଇଛି। ସେ ନବଦୁର୍ଗା କନଷ୍ଟ୍ରକ୍ସନ କମ୍ପାନୀରେ କାମ କରୁଥିଲେ। ବୁଧବାର ରାତିରେ ତାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ପରିବାର ଲୋକଙ୍କ ସମେତ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ସ୍ପଷ୍ଟ ହେବ ବୋଲି ପୋଲିସ କହିଛି।

# ଶହେ ମଣ୍ଡିକୁ ୧୪ ମିଲର

**ବାରିପଦା ଅଫିସ,୨୧।୧**

ସ୍ୱାଭାବିକ ବୃଷ୍ଟିପାତ ଓ ଜଳସେଚନକୁ ନେଇ ଚଳିତବର୍ଷ ମୟୂରଭଞ୍ଜ ଜିଲାରେ ଧାନ ଅମଳ ବୃଦ୍ଧି ପାଇଛି। ଛୁଟି ଦିନମାନଙ୍କରେ ମଧ ମଣ୍ଡି ଖୋଲାଯାଇ ଧାନ କ୍ରୟ କରାଯାଉଛି। ମାତ୍ର ଧାନକିଣା ନିମନ୍ତେ ମିଲରମାନଙ୍କ ଦ୍ୱାରା ଆନୁସଙ୍ଗିକ ବ୍ୟବସ୍ଥା ଠିକ୍ ଭାବେ ହୋଇ ନ ଥିବାରୁ ଚାଷୀମାନେ ଖରା କାକରରେ ପଡ଼ି ରହୁଥିବା ଦେଖିବାକୁ ମିଳିଛି। ପରିବହନ ଓ ଶ୍ରମିକ ସମସ୍ୟା ଉପୁଜୁଥିବାରୁ ସହଜରେ ଧାନ କିଣା ହୋଇପାରୁନି। ଚାଷୀମାନେ ନିରୁପାୟ ହୋଇ ଧାନକୁ ଦଲାଲଙ୍କ ହାତରେ ଟେକି ଦେଇ କ୍ଷତି ସହୁଛନ୍ତି। ଅନ୍ୟପକ୍ଷରେ ଜିଲାରେ ଲକ୍ଷ୍ୟ ଧାର୍ଯ୍ୟଠାରୁ ଅଧିକ ପରିମାଣର ଧାନ କିଣା ହୋଇଥିବା ନେଇ ସରକାରୀ ସୂତ୍ରରୁ ଜଣାପଡ଼ିଛି। ଜିଲା ଯୋଗାଣ ବିଭାଗ ଅଧୀନରେ ଥିବା ୫୨ଟି ଲ୍ୟାମ୍ପସ୍‌ର ୧୦୦ଟି ମଣ୍ଡିରେ ୫୪ହଜାର ୮୬୭ ଚାଷୀଙ୍କର ଧାନ କିଣା ଯାଉଛି। ଏଥି ନିମନ୍ତେ ୧୪ଟି ମିଲରଙ୍କୁ ଧାନ ସଂଗ୍ରହ ପାଇଁ ସରକାରୀ ସ୍ତରରେ ନିର୍ଦ୍ଦେଶ ଦିଆଯାଇଛି। ଫଳରେ ଏତେ ସଂଖ୍ୟକ ମଣ୍ଡିରୁ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ସଂଗ୍ରହ ସମ୍ଭବପର ହୋଇପାରୁନାହିଁ। କେତେକ ମଣ୍ଡିରେ ଧାନକିଣା ଲକ୍ଷ୍ୟଧାର୍ଯ୍ୟ ପୂରଣ ହୋଇଥିବା ବେଳେ ଅନ୍ୟ କେତେକରେ କମ୍ କିଣାଯାଇଥିବା ସୂଚନା ମିଳିଛି।

ମିଲରଙ୍କ ଦ୍ୱାରା ଧାନ ପରିବହନ ପାଇଁ ବ୍ୟବହୃତ ଯାନବାହାନ ଓ ଆବଶ୍ୟକ ଶ୍ରମିକଙ୍କ ଅଭାବ ପାଇଁ ଧାନ ବିକ୍ରି କରି ନ ପାରି ଚାଷୀମାନେ କମ୍ ଦାମରେ ବେପାରୀଙ୍କୁ ବିକ୍ରି କରିବାକୁ ବାଧ ହେଉଥିବା ଚାଷୀ ଭକ୍ତବନ୍ଧୁ ବଳା, ଶିବ ଶଙ୍କର ନାଏକ, ଶୁକୁଲାଲ ସିଂ ପ୍ରମୁଖ କହିଛନ୍ତି। ଗତବର୍ଷ ୧୩ ଲକ୍ଷ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ କିଣା ଯାଇଥିବା ବେଳେ ଚଳିତ ବର୍ଷ ମାସକ ମଧ୍ୟରେ ୩ହଜାର୧୯୯ ଚାଷୀଙ୍କଠାରୁ ୫ଲକ୍ଷ ୪୬ହଜାର ୨୭୫ କୁଇଣ୍ଟାଲ ଧାନ କିଣାଯାଇଛି। ଯାହାକି ଗତବର୍ଷ ତୁଳନାରେ ମାସକ ମଧ୍ୟରେ ଦୁଇ ଗୁଣ ଅଧିକ ବୋଲି କୁହାଯାଉଛି। ତେବେ ଅବଶିଷ୍ଟ ୫୧ହଜାର ୭୪୮ଜଣ ଚାଷୀଙ୍କଠାରୁ ଧାନ ସଂଗ୍ରହ କରିବାକୁ ଥିବା ବେଳେ ଲକ୍ଷ୍ୟ ଧାର୍ଯ୍ୟଠାରୁ ଢ଼େରଗୁଣା ସଂଗ୍ରହ କରିବାରେ ଆଶଙ୍କା ଉପୁଜିଛି। ମାତ୍ର ମିଲରଙ୍କ ସଂଖ୍ୟା ବୃଦ୍ଧି କରାଯାଉ



ଏକ ମଣ୍ଡିରୁ ଧାନ ସଂଗ୍ରହ କରାଯାଉଛି।

### ଚିନ୍ତାରେ ଚାଷୀ

ନ ଥିବାରୁ ଧାନ କିଣା ବ୍ୟାହତ ହେଉଛି। ଜିଲାରେ ଥିବା ମିଲରମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହୋଇଗଲେ ବଳକା ଥିବା ଚାଷୀଙ୍କ ଧାନକୁ କିଏ ନେବ ବୋଲି ଚାଷୀ ଏବେ ଚିନ୍ତାରେ ପ୍ରମାଦ ଗଣୁଛନ୍ତି। ସରକାରୀ ସ୍ତରରେ ଏନେଇ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯିବା ସହିତ ଅନ୍ୟ ଜିଲାର ମିଲରମାନଙ୍କୁ ଧାନକିଣା ପାଇଁ ଅନୁମତି ପ୍ରଦାନ କଲେ ଧାନ କଳାବଜାରୀରେ ରୋକ୍ ଲଗାଯାଇପାରନ୍ତା ବୋଲି ଚାଷୀମହଲରେ ମତପ୍ରକାଶ ପାଉଛି। ସେହିପରି ଜିଲାରେ ଧାନ ମିଲ୍ ପ୍ରତିଷ୍ଠା କରିବା ସହିତ ମଣ୍ଡିରୁ ଧାନ ସଂଗ୍ରହ ପାଇଁ ଗୋଦାମଗୃହ ନିର୍ମାଣ, ଚାଷୀଙ୍କ ଆଶ୍ରୟସ୍ଥଳୀ ଓ ପଲିଥିନ୍ ସେଡ୍ ନିର୍ମାଣ କରିବାକୁ ଦାବି ହେଉଛି। ଏ ସମ୍ପର୍କରେ ବାରିପଦା ଖଣ୍ଡ ସମବାୟ ସମିତିର ଉପନିବନ୍ଧକ ଦମୟନ୍ତି ସିଂଙ୍କୁ ପଚାରିବାରୁ ପ୍ରତିଦିନ ମିଲରମାନେ କିଣୁଥିବା ଧାନ ସେହି ଦିନ ଉଠାଇନେବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ତେବେ ସୁରୁଖୁରୁରେ କିପରି ଧାନ କିଣା ହୋଇପାରିବ ସେ ନେଇ ବ୍ୟବସ୍ଥା କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଖଣିରେ କାମ ନ ମିଳିଲେ ଆନ୍ଦୋଳନ ଚେତାବନୀ

**ଯୋଡ଼ା,୨୧।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳର ବଳଦାସ୍ଥିତ ସିରାଜୁଦ୍ଦିନ ଖଣିରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଓ ପରିବହନ କାର୍ଯ୍ୟ ନ ମିଳିଲେ ୩ ପଞ୍ଚାୟତବାସୀ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଗୁରୁବାର ଚେତାବନୀ ଦେଇଛନ୍ତି। ଉକ୍ତ ଖଣି କର୍ତ୍ତୃପକ୍ଷ ସ୍ଥାନୀୟ ଅଞ୍ଚଳର ପ୍ରଭାବଶାଳୀ ବ୍ୟକ୍ତିଙ୍କୁ ପରିବହନ କାର୍ଯ୍ୟ ଏବଂ ନିଯୁକ୍ତି ଦେଇଥିବାବେଳେ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଉପେକ୍ଷା କରିଛନ୍ତି। ବାରମ୍ବାର ଖଣି କର୍ତ୍ତୃପକ୍ଷଙ୍କୁ ନିଯୁକ୍ତି ଓ ପରିବହନ କାର୍ଯ୍ୟ ଦାବି ନେଇ ଜଣାଉଥିଲେ ହେଁ, କମ୍ପାନୀ କର୍ତ୍ତୃପକ୍ଷ ଶୁଣୁନାହାନ୍ତି ବୋଲି ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି। ଅସନ୍ତୁଷ୍ଟ କାଳିମାଟି, ବଳଦା ଓ ନୟାଗଡ ପଞ୍ଚାୟତର ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ଗୁରୁବାର ବଡକାଳିମାଟି ଜଗନ୍ନାଥ ମନ୍ଦିର ପଡିଆରେ ଏକତ୍ର ହୋଇ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ସେମାନଙ୍କ ଦାବି ପୂରଣ ନ ହେଲେ ଖଣି ଫାଟକ ସମ୍ମୁଖରେ ଅନଶନ କରିବା ସହିତ ଫାଟକରେ ତାଲା ପକାଇବାର ନିଷ୍ପତ୍ତି ନିଆଯାଇଛି। ତେବେ ଏ ନେଇ ଖଣି କର୍ତ୍ତୃପକ୍ଷଙ୍କ ଠାରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ଭଦ୍ରକ ଜାମା ମସ୍‌ଜିଦ୍ ବିକାଶ ଲାଗି ୧ କୋଟି



ସଭାରେ ଉପସ୍ଥିତ ଅତିଥିମାନେ।

**ଭଦ୍ରକ ଅଫିସ,୨୧।୧**

ଭଦ୍ରକ ପୁରୁଣାବଜାର ସ୍ଥିତ ଜାମା ମସ୍‌ଜିଦ୍‌ର ବିକାଶ ପାଇଁ ପ୍ରାୟ ୧ କୋଟି ଟଙ୍କା ଖର୍ଚ୍ଚ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବର୍ଷେ ପୂର୍ବରୁ ଏହି ମସ୍‌ଜିଦ୍‌ର ବିକାଶ ପାଇଁ ୧ କୋଟି ଟଙ୍କା ଘୋଷଣା କରିଥିଲେ ବୋଲି ସୂଚନା ଦିଆଯାଇଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ ମଲ୍ଲିକ ଏହାର ଶିଳାନ୍ୟାସ କରିଛନ୍ତି। ଏହାପରେ ଆୟୋଜିତ ସଭାରେ ଭଦ୍ରକ ମୁସ୍‌ଲିମ ଜମାତ୍‌ର ସଭାପତି ହାଜୀ ଅବଦୁଲ ବାରୀ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଆଇନଜୀବୀ ତାହେର ମହମ୍ମଦ। ମୁଖ୍ୟଅତିଥି ଭାବେ ଏମ୍‌ପି ମଣ୍ଡଳ ଓ ବିଧାୟକ ମଲ୍ଲିକ ଯୋଗଦେଇ ଖୁବ୍‌ଶୀଘ୍ର କାର୍ଯ୍ୟ ସାରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ମୁସ୍‌ଲିମ ଜମାତର ଉପସଭାପତି ମହମ୍ମଦ ଜକାଉଲ୍ଲା, ସମାଜସେବୀ ଇକବାଲ ଖାଁ, ଶେଖ୍ ନିଜାମୁଦ୍ଦିନ, ନାରୀନେତ୍ରୀ ତାହେରା ଖାତୁନ, ଜାମା ମସ୍‌ଜିଦ୍‌ର ସଭାପତି ଶେଖ୍ ଏନାମ ମହମ୍ମଦ, କମିଟି ସମ୍ପାଦକ ଶେଖ୍ ଗୋଲାମ ମୋହିଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ, କବି ମୁସ୍ତାକ ଗୌହର କବିତା ପାଠ କରି ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲାପାଳଙ୍କ ଦ୍ୱାରସ୍ଥ ହେଲେ ଚାଷୀ



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ଚାଷୀ।

**କେନ୍ଦୁଝର, ୨୧।୧ (ସ୍ୱ.ପ୍ର.)**

କେନ୍ଦୁଝର ସାହରପଡା ବ୍ଲକ ଅଳର ୬୮ ଜଣ ଚାଷୀ ଧାନ ଦେଇ ଦୀର୍ଘ ନଅ ମାସ ହେଲା ଟଙ୍କା ପାଇ ନ ଥିବାରୁ ଚାଷୀ ମାନେ ଗୁରୁବାର ଜିଲାପାଳ ଆଶୀଷ ଠାକରେଙ୍କୁ ଭେଟି ତୁରନ୍ତ ପ୍ରାପ୍ୟ ଅର୍ଥ ପ୍ରଦାନ କରିବାକୁ ଦାବି କରିଛନ୍ତି। ଏହି ଘଟଣାରେ ଲ୍ୟାମ୍ପର ଦୁଇ ଜଣ କର୍ମଚାରୀ ଗିରଫ ହୋଇଥିଲେ ହେଁ ଏତେ ବଡ ଦୁର୍ନୀତିରେ କୌଣସି

### ଟୋକନ ପ୍ରଦାନରେ ହେରଫେର

ଅଧିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାରୁ ଚିନ୍ତା ବ୍ୟକ୍ତ କରିଛନ୍ତି। ଏନେଇ ଚାଷୀ ମାନେ ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଛନ୍ତି। ତେବେ ଉଚ୍ଚ ନ୍ୟାୟାଳୟ ଜିଲାପାଳଙ୍କୁ ତିନି ମାସ ମଧ୍ୟରେ ଚାଷୀଙ୍କ ପ୍ରାପ୍ୟ ଦେବା ପାଇଁ ପଦକ୍ଷେପ ନେବାକୁ ଆଦେଶ କରିଥିଲେ। ତଦନୁଯାୟୀ ୨୪ ନଭେମ୍ବର ୨୦୨୦ରେ ଜିଲାପାଳଙ୍କ କୋର୍ଟରେ ଶୁଣାଣି ହୋଇଥିଲା। ତେବେ ଚାଷୀ ମାନେ ପ୍ରାପ୍ୟ ଟଙ୍କା ନ ପାଇବାରୁ ଗୁରୁବାର ଜିଲାପାଳଙ୍କ ପାଖରେ ଆସି ପୁନଃ ଦାବି କରିଥିଲେ। ତେବେ ଜିଲାପାଳ ସେମାନଙ୍କ ଅଭିଯୋଗ ଶୁଣିବା ପରେ ତୁରନ୍ତ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ଦେବା ଦିଆଯିବ ବୋଲି ଫେରିଥିବା ଚାଷୀ କୃପାଚାର୍ଯ୍ୟ ମହାନ୍ତ କହିଛନ୍ତି।

# ଝୁମ୍ପୁରାରେ ବଢ଼ିଚାଲିଛି ଚୋରି

**ଝୁମ୍ପୁରା ୨୧।୧(ଡି.ଏନ.ଏ.)**

କେନ୍ଦୁଝର ଜିଲା ଝୁମ୍ପୁରା ଥାନାଞ୍ଚଳରେ ଚୋରୀ, ଲୁଟ ବଢିବାରେ ଲାଗିଛି। ଗତ ୧୪ ତାରିଖ ଠାରୁ ୨୦ ପର୍ଯ୍ୟନ୍ତ ଝୁମ୍ପୁରା ବାଇପାସ ପାଖରେ ଥିବା ଘର, ବାଲିବନ୍ଧ, ଅର୍ଶଳା ଗ୍ରାମରୁ ୪ଟି ଚୋରି ଘଟଣା ଘଟି ସାରିଲାଣି। ଏନେଇ ମଧ୍ୟ କ୍ଷତିଗ୍ରସ୍ତ ପରିବାର ପକ୍ଷରୁ ଥାନାରେ ଏତଲା ଦିଆଯାଇଛି। କିନ୍ତୁ ଚୋରମାନେ ଏପର୍ଯ୍ୟନ୍ତ ଧରାପଡ଼ିନାହାନ୍ତି। ଏହାବ୍ୟତୀତ ଜାତୀୟ ରାଜପଥ ପାର୍ଶ୍ୱରେ ପାର୍କିଂ ଥିବା ଟ୍ରକ ଗୁଡିକରୁ ଡିଜେଲ ଚୋରି ଘଟଣା ପ୍ରତ୍ୟେହ ଘଟିବାରେ ଲାଗିଛି। ରାତି ୯ଟାପରେ ଝୁମ୍ପୁରା ବଜାରର ନିର୍ଦ୍ଦିଷ୍ଟ ୨ଟି ଜାଗା, ବ୍ଲକ କାର୍ଯ୍ୟାଳୟ ରାସ୍ତା, ବିଦେଶୀ ମଦ ଦୋକାନ ପାଖ କେନାଲ ରାସ୍ତା, ଦୁର୍ଗାପୁର ଗାଁ ଛକ, ଶ୍ରୀରାମପୁର ଛକ ରାସ୍ତା ଉପରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି। ଉପରୋକ୍ତ ଅଭିଯୋଗ ନେଇ ବୁଦ୍ଧିଜୀବି ଫୋରମରୁ ଝୁମ୍ପୁରା ଥାନାକୁ ଅବଗତ କରାଯାଇଥିଲେ ହେଁ ପୋଲିସ ପକ୍ଷରୁ ସେପରି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ। ଏସମ୍ପର୍କରେ ଝୁମ୍ପୁରା ଥାନାଧିକାରୀ ଏସ.ଏନ ଦାସଙ୍କୁ ପଚାରିବାରୁ ଚୋର ଓ ଲୁଟେରାଙ୍କୁ ଖୁବଶୀଘ୍ର ଧରାଯିବ ବୋଲି କହିଛନ୍ତି।

# ପଞ୍ଚାୟତ ଘର ପାଲଟିଛି ଧାନ ଗୋଦାମ

**ଖଇରା, ୨୧।୧(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଞ୍ଚଳର ଏକ ପଞ୍ଚାୟତ ଗୃହକୁ ଧାନ ଗୋଦାମ ଭାବେ ବ୍ୟବହାର କରାଯାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଦେଖାଦେଇଛି।

ଉକ୍ତ ପଞ୍ଚାୟତ ୨୦୧୭ରେ ଡୁଙ୍ଗୁରା ପଞ୍ଚାୟତରୁ ଅଲଗା ହୋଇ ଗଠିତ ହୋଇଥିଲା। ଏଥିପାଇଁ ପାଣିଛତ୍ର ଅମରିଆ ରାସ୍ତାକଡ଼ରେ ଜାଗା ଅଧିଗ୍ରହଣ କରାଯାଇ ପାଖାପାଖି ୧କୋଟି ଟଙ୍କା ବ୍ୟୟରେ ନୂତନ ଗୃହ ନିର୍ମାଣ କରାଯାଇଥିଲା। ଉକ୍ତ ଗୃହ ସମ୍ପୂର୍ଣ୍ଣ ହେବା ପରେ କାର୍ଯ୍ୟାଳୟ ପାଇଁ ବ୍ୟବହାର କରାଯିବା ପରିବର୍ତ୍ତେ ଜଣେ ଲୋକ ପ୍ରତିନିଧିଙ୍କ ସ୍ୱାମୀ ଏହାକୁ ଧାନ ଗୋଦାମ ଭାବେ ବ୍ୟବହାର କରି ଧାନ ବ୍ୟବସାୟ ଚଳାଇଛନ୍ତି। ଏ ସମ୍ପର୍କରେ ଉକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରିଣୀ ଆରତୀ ବେହେରାଙ୍କୁ ଯୋଗାଯୋଗ କରିବାରେ ସେ କିଛି ଜାଣି ନ ଥିବା କହି ପ୍ରସଙ୍ଗ ଏଡ଼ାଇଯାଇଥିଲେ। ଏବିଡିଓ ଶକ୍ତି ପାଇକରାୟଙ୍କୁ ଯୋଗାଯୋଗ କରିବାରେ ସେ ଘଟଣା ସମ୍ପର୍କରେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# ରୋଜଗାରିଆ ପୁଅ ଏବେ ଅକର୍ମଣ୍ୟ

**ନୀଳଗିରି, ୨୧।୧(ସ୍ୱ.ପ୍ର.)**

ଗୁଜରାଟକୁ କାମ କରିବାକୁ ଯାଇ ପରିବାର ଚଳାଉଥିବା ରୋଜଗାରିଆ ପୁଅ ଏବେ ଅର୍କମଣ୍ୟ ପାଲଟିଯାଇଛନ୍ତି। ତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିବାରୁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଅପରେଶନ ଲାଗି ଲକ୍ଷାଧିକ ଟଙ୍କା ଆବଶ୍ୟକ। ପୁଅର ଚିକିତ୍ସା ଲାଗି ମା'ବାପା ଜମିବାଡ଼ି ବିକ୍ରି କରିସାରିଥିଲେ ମଧ ତାହା ସମୁଦ୍ରକୁ ଶଙ୍ଖେ। ସରକାରୀ ସହାୟତା ପାଇଁ ପ୍ରଧାନମନ୍ତ୍ରୀଙ୍କଠାରୁ ଆରମ୍ଭ କରି ମୁଖ୍ୟମନ୍ତ୍ରୀ, ଜିଲାପାଳ, ଉପଜିଲାପାଳଙ୍କୁ ବାରମ୍ବାର ଜଣାଇ କୌଣସି ସୁଫଳ ପାଇପାରିନାହାନ୍ତି। ଏଭଳି ଚିକିତ୍ସା ନ ପାଇ ଦୟନୀୟ ଅବସ୍ଥାରେ ରହିଛନ୍ତି ବାଲେଶ୍ୱର ଜିଲା ଔପଦା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଥିବା ଢୁରିଆପାଟଣା ଗ୍ରାମର ପଥର ମୂର୍ତ୍ତି କାରିଗର ବିମଳ ଦଳେଇ (୩୪)।

ଯଦୁନାଥ ଦଳେଇଙ୍କ ପୁଅ ବିମଳ ନୀଳଗିରି ଥାନା ବଉଳଗଡ଼ିଆ ଗ୍ରାମର ପଥର ମୂର୍ତ୍ତି ଠିକାଦାର ଗୟାଧର ଧାଉଁଡ଼ିଆଙ୍କ ସହିତ ୨୦୦୮ରେ କାମ କରିବାକୁ ଗୁଜରାଟ ଯାଇଥିଲେ। ୨୦୧୧ ନଭେମ୍ବର ୫ତାରିଖରେ ଗୁଜରାଟ ଗାନ୍ଧୀନଗର ନିକଟସ୍ଥ ପୁନିତଧାମ ଜୈନମନ୍ଦିରରେ କାମ କରୁଥିବା ବେଳେ ଭାରା ଛିଡ଼ିଯିବାରୁ ସେ ତଳେ ପଡ଼ିଯାଇଥିଲେ। ଫଳରେ ତାଙ୍କ ମେରୁଦଣ୍ଡରେ ଶକ୍ତ ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଗାନ୍ଧୀନଗର ଜିଲା ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା କରାଯାଇଥିଲା। ୮ଦିନ ପରେ ଚେତା ଫେରିବାରୁ ଡାକ୍ତର ତାଙ୍କୁ ଅପରେଶନ ପାଇଁ ପରାମର୍ଶ ଦେଇଥିଲେ। ହେଲେ ସେଠାରେ ତାଙ୍କୁ କୌଣସି ସହଯୋଗ ମିଳି ନ ଥିଲା। ତାଙ୍କ ସହଯୋଗୀଙ୍କ ଦ୍ୱାରା ଚକ୍ରାନ୍ତ କରି ଏକ ସାଧା କାଗଜରେ ଦସ୍ତଖତ କରାଯାଇ ଘରକୁ ପଠାଇଦିଆଯାଇଥିଲା। ବାରମ୍ବାର କହିବା ପରେ ମଧ ଚିକିତ୍ସା ପାଇଁ କୌଣସି ସହଯୋଗ ନ ମିଳିବାରୁ ବିମଳ ବିଧାୟକ ଇଂ. ସୁକାନ୍ତ କୁମାର ନାୟକଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ପରାମର୍ଶ ଅନୁସାରେ ବିମଳ ନୀଳଗିରି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଏକ ମାମଲା (ନଂ. ୨୨/୨୦୧୬) ରୁଜୁ କରାଯାଇଥିଲା। ପରେ ଶ୍ରମ ବିଭାଗର ଅଧିକାରୀ ତଦନ୍ତ କରିଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏ ସମ୍ପର୍କରେ ଜିଲା ଶ୍ରମ ଅଧିକାରୀ ଅଜୟ କୁମାର ପ୍ରଧାନ କହିଛନ୍ତି, ନୂତନ ଭାବେ କାର୍ଯ୍ୟରେ ଯୋଗଦେଇଥିବାର ଉକ୍ତ ଘଟଣା ସମ୍ପର୍କରେ ଅବଗତ ନାହିଁ। ଯଥାଶୀଘ୍ର ବିଧିବଦ୍ଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।



ବିମଳ ଦଳେଇ।

# ସାରନା ଧର୍ମକୁ ମାନ୍ୟତା ଦାବି ତେଜିଲା

**ବାଲେଶ୍ୱର ଅଫିସ,୨୧।୧**

ସମ୍ବିଧାନର ଅନୁଚ୍ଛେଦ ୨୫ଅନୁସାରେ ସାରନା ଧର୍ମକୁ ମାନ୍ୟତା ପ୍ରଦାନ ପୂର୍ବକ ୨୦୨୧ ଜନଗଣନାରେ ସ୍ୱତନ୍ତ୍ର କଲମ-କୋଡ୍ ପ୍ରଦାନ ନିମନ୍ତେ ଏକ ଦାବିପତ୍ର ଆଦିବାସୀ ସେଙ୍ଗେଲ ଅଭିଯାନ (ଏଏସ୍‌ଏ) ବାଲେଶ୍ୱର ଜିଲା ଶାଖା ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଏଏସ୍‌ଏର ଜିଲା ସଭାପତି ନିରଞ୍ଜନ ମାରାଣ୍ଡିଙ୍କ ତତ୍ତ୍ୱାବଧାନରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ସଂଘ ଏବଂ ଆଦିବାସୀ ସାରନା ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘ ମିଳିତ ହୋଇ ଏକ ପ୍ରତିନିଧି ଦଳ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ସାକ୍ଷାତ୍ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି।

ଆଦିବାସୀମାନେ ଭାରତବର୍ଷର ମୂଳ ଅଧିବାସୀ। ୨୦୨୧ ଜନଗଣନା ବର୍ଷରେ ଆଦିବାସୀମାନଙ୍କର ସ୍ୱତନ୍ତ୍ର ଧର୍ମକୁ ମାନ୍ୟତା ଦେବା ପାଇଁ ଦେଶବ୍ୟାପୀ ଆନ୍ଦୋଳନ ଆରମ୍ଭ ହୋଇଛି। ଏନେଇ ରାଷ୍ଟ୍ରପତିଙ୍କଠାରୁ ଆରମ୍ଭ କରି ପ୍ରଧାନମନ୍ତ୍ରୀ, ସମସ୍ତ ରାଜ୍ୟର ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ବିଭାଗୀୟ ମନ୍ତ୍ରୀ, ଏମ୍‌ପି ଓ ବିଧାୟକଙ୍କୁ ଦାବିପତ୍ରଙ୍କୁ ପ୍ରଦାନ କରାଯାଇଥିଲେ ମଧ କୌଣସି ସୁଫଳ ମିଳି ନ ଥିବାର ଆଦିବାସୀ ସାମାଜିକ ଓ ସାଂସ୍କୃତିକ ସଂଘ ସମ୍ପାଦକ ବିଜୟ କୁମାର ମୁର୍ମୁ ଅଭିଯୋଗ କରିଛନ୍ତି। ଆଗାମୀ ଦିନରେ ଏହାକୁ କାର୍ଯ୍ୟକାରୀ କରା ନ ଗଲେ ଜିଲା ପ୍ରଶାସନକୁ ଘେରିବା ସହ ରେଳରୋକ ଓ ଚକାଜାମ୍ କରିବାର ଆଦିବାସୀ ସେଙ୍ଗେଲ ଅଭିଯାନର ଜଳେଶ୍ୱର ଶାଖା ସମ୍ପାଦକ ପୀଥ ସୋରେନ ଚେତାବନୀ ଦେଇଛନ୍ତି। କାର୍ଯ୍ୟକ୍ରମରେ ଆଦିବାସୀ ସାମାଜିକ ଓ ସାଂସ୍କୃତିକ ସଂଘ ସଭାପତି କାଳିଚରଣ ମୁର୍ମୁ, ଆଦିବାସୀ ସାରନା ସାମାଜିକ, ଶିକ୍ଷା ଓ ସାଂସ୍କୃତିକ ସଂଘର ଉପସଭାପତି ସୋମନାଥ ଟୁଡୁ, ସମ୍ପାଦକ ଗୋପାଳ ଚନ୍ଦ୍ର ବେସ୍ରା, ମୋହନ ଟୁଡୁ, ରାମଚନ୍ଦ୍ର କିସ୍କୁ ଓ ମେଘରାୟ ହାଁସଦା ପ୍ରମୁଖ ସାମିଲ ଥିଲେ।



ବାଲେଶ୍ୱର ଜିଲାପାଳ ଅଫିସ୍ ସମ୍ମୁଖରେ ୩ ସଙ୍ଗଠନର ସଦସ୍ୟ।

### ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

### ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**କେନ୍ଦୁଝର (ସ୍ୱ.ପ୍ର./ଡି.ଏନ୍.ଏ.):** ସାରନା ଧର୍ମକୁ ସାମ୍ବିଧାନିକ ମାନ୍ୟତା ଦେବା ପାଇଁ ଆନ୍ଦୋଳନ କରିଆସୁଥିବା ଜନଗଣନା ସମୟରେ ଅନ୍ୟ ଧର୍ମ ଭଳି କୋର୍ଡ ମାନ୍ୟତା ଦେବାକୁ ଆଦିବାସୀ ସେଙ୍ଗେଲ ଅଭିଯାନ ପକ୍ଷରୁ ଦାବି କରାଯାଇଛି। ଏନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆଜି ସଙ୍ଗଠନ ପକ୍ଷରୁ ଧାରଣା ଦିଆଯାଇଛି। ଦାବି ପୂରଣ ନ ହେଲେ ସେମାନେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି କହିଛନ୍ତି।

### ବିକ୍ଷୋଭ କଲେ ଶତାଧିକ ମହିଳାପୁରୁଷ

**ବାରିପଦା ଅଫିସ:** ଆଦିବାସୀ ସେଙ୍ଗେଲ ଅଭିଯାନ(ଏଏସଏ) ପକ୍ଷରୁ ସାରନା ଧର୍ମ କୋର୍ଡ ଲାଗୁ କରିବା ପାଇଁ ଗୁରୁବାର ମୟୂରଭଞ୍ଜ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ୨୦୨୧ ଜନଗଣନାରେ ଆଦିବାସୀ ପ୍ରକୃତିପୂଜା ସାରନା ଧର୍ମର ମାନ୍ୟତା ତଥା କୋର୍ଡ ଓ ଅନୁଚ୍ଛେଦର ପ୍ରଚଳନ ଦାବି ନେଇ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି ଦାବିକୁ ନେଇ ଆସା ପକ୍ଷରୁ ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ଦାବି ଉପସ୍ଥାପନ କରିଥିଲେ। ଓଡ଼ିଶା ପ୍ରଦେଶ ଏଏସଏର ସଭାପତି ନରେନ୍ଦ୍ର ହେମ୍ବ୍ରମଙ୍କ ନେତୃତ୍ୱରେ ରାଜ୍ୟ ଜୋନାଲ ପ୍ରମୁଖ ନାରାନ ମୁର୍ମୁ, କାଲୁରାମ ମୁର୍ମୁ, ଲାଦୁରାମ ସୋରେନ, ଉଦୟ ହେମ୍ବ୍ରମ, ମାଧବ ଚନ୍ଦ୍ର ମୁର୍ମୁ, ମାଧବ ଚନ୍ଦ୍ର ସୋରେନ, ହାବ୍ରାଇ ମାରାଣ୍ଡି, ମାଲହ ମାରାଣ୍ଡି, ଚନ୍ଦନ କୁମାର ସୋରେନ, ପିଥ ଟୁଡୁ ଓ ମେଘରାୟ ସୋରେନ ପ୍ରମୁଖ ଏହି ବିକ୍ଷୋଭ ସମାବେଶର ନେତୃତ୍ୱ ନେଇଥିଲେ। କେନ୍ଦ୍ର ସରକାର ଦାବି ପୂରଣ ନ କଲେ ଆସନ୍ତା ୩୧ତାରିଖରେ କେନ୍ଦ୍ରୀୟ ସ୍ତରରେ ଓଡ଼ିଶା ସମେତ ଆସାମ, ପଶ୍ଚିମବଙ୍ଗ, ବିହାର ଓ ଝାଡ଼ଖଣ୍ଡ ରାଜ୍ୟରେ ସଙ୍ଗଠନ ପକ୍ଷରୁ ଚକାଜାମ୍ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ଗୋପାଳପୁର କଲେଜ ଛାତ୍ର କରୋନା ପଜିଟିଭ

ବାହାନଗା,(ଡି.ଏନ.ଏ.): ବାଲେଶ୍ୱର ଜିଲା ବାହାନଗା ବ୍ଲକ ଗୋପାଳପୁର ମହାବିଦ୍ୟାଳୟର ଜଣେ ଯୁକ୍ତ ୨ ଛାତ୍ର କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଯାହାଫଳରେ ଛାତ୍ରୀଛାତ୍ରମାନେ ଭୟଭୀତ ହୋଇପଡିଛନ୍ତି। କଲେଜ ଖୋଲିବା ପରେ ଉକ୍ତ ଛାତ୍ରଜଣକ ପ୍ରତିଦିନ କଲେଜ ଆସୁଥିଲେ। ତାଙ୍କୁ ପ୍ରଥମେ ଜ୍ୱର ହୋଇଥିଲା। ସେ ୨୦ତାରିଖରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ କରୋନା ପରୀକ୍ଷା ପାଇଁ ଯାଇଥିଲେ। ପରୀକ୍ଷାର ଦିନକ ପରେ ୨୧ତାରିଖରେ ଛାତ୍ରଙ୍କର କରୋନା ପଜିଟିଭ ରିପୋର୍ଟ ଆସିଥିଲା। ଏହି ଖବର ପ୍ରସାରିତ ପରେ ମହାବିଦ୍ୟାଳୟକୁ ସାନିଟାଇଜ କରାଯାଇଛି।

# ସଂକ୍ଷେପରେ

## ଦୁଇ ଅପହୃତ ନାବାଳିକା ଉଦ୍ଧାର, ଜଣେ ଗିରଫ

**ଭୋଗରାଇ,୨୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଞ୍ଚଳରୁ ଅପହୃତ ହୋଇଥିବା ଦୁଇ ନାବାଳିକାଙ୍କୁ ପୋଲିସ ପୃଥକ୍ ସ୍ଥାନରୁ ଉଦ୍ଧାର କରିଛି। ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଅନ୍ୟ ଜଣେ ଯୁବକଙ୍କୁ ପୋଲିସ ଖୋଜୁଛି। ୨୦୧୮ରେ ଜଣେ ନାବାଳିକାଙ୍କୁ ପଶ୍ଚିମବଙ୍ଗ ପଶ୍ଚିମମେଦିନୀପୁର ଜିଲା ମହନପୁର ବିଲମାଧିଆ ଗ୍ରାମର ଯୁବକ ବିଜୟ ଗିରି ଅପହରଣ କରିନେଇଥିବା ଭୋଗରାଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୋଲିସ ଅଭିଯୁକ୍ତଙ୍କ ଘରେ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଛି। ହେଲେ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ସଫଳ ହୋଇନାହିଁ। ଏହି ନାବାଳିକା ଏବେ ସାବାଳିକା ହୋଇଥିବାରୁ କୋର୍ଟରେ ମାମଲା ବିଚାରାଧୀନ ରହିଛି। ଅନ୍ୟପକ୍ଷରେ ଜଣେ ସଂଖ୍ୟାଲଘୁ ସମ୍ପ୍ରଦାୟର ଯୁବକ ଜଣେ ୧୭ ବର୍ଷୀୟା ନାବାଳିକାଙ୍କୁ ଅପହରଣ କରିନେଇଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ବାପାଙ୍କ ଅଭିଯୋଗକ୍ରମେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଘଟଣାରେ ପୋଲିସ ଏକ ମାମଲା (ନଂ. ୧୫୩/୨୦) ରୁଜୁ କରି ଯୁବକଙ୍କୁ କୋର୍ଟଚାଲାଣ କରିଛି।

## ବହଳଦା ବ୍ଲକ ଅଧ୍ୟକ୍ଷଙ୍କ ପରଲୋକ

**ରାଇରଙ୍ଗପୁର,୨୧।୧(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବହଳଦା ବ୍ଲକ ଅଧ୍ୟକ୍ଷ ଦୁଃଖୁ ହେମ୍ବ୍ରମଙ୍କ ବୁଧବାର ରାତିରେ ପରଲୋକ ଘଟିଛି। ଗତ ୧୪ ତାରିଖରେ ଝାଡ଼ଖଣ୍ଡ ରାଜ୍ୟ ରାଜନଗର ଅଞ୍ଚଳକୁ ଯାଇଥିବା ବେଳେ ଏକ ସଡ଼କ ଦୁର୍ଘଟଣାରେ ଗୁରୁତର ହୋଇଥିଲେ। ଜାମସେଦପୁର ସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧିନ ଥିବା ବେଳେ ତାଙ୍କର ମୃତ୍ୟୁ ଘଟିଥିଲା। ଗୁରୁବାର ତିରିଂ ବ୍ଲକ ଅନ୍ତର୍ଗତ ମଲିକେଡ଼ମ ଗ୍ରାମସ୍ଥିତ ବାସଭବନରେ ମରଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଖବରପାଇ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି, ରାଇରଙ୍ଗପୁର ବିଧାୟକ ନବ ଚରଣ ମାଝି, ବହଳଦା ବିଡିଓ ହେମନ୍ତ କୁମାର ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ଦୁଇ କନ୍ୟା, ଏକମାତ୍ର ପୁତ୍ର ତଥା ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସ୍ୱର୍ଗତ ହେମ୍ବ୍ରମ ଝରାଡ଼ିହି ପଞ୍ଚାୟତରୁ ସମିତି ସଭ୍ୟ ଭାବେ ବିଜୟୀ ଥିଲେ। ପରେ ବିଜୁ ଜନତା ଦଳର ସମର୍ଥନରେ ବ୍ଲକ ଅଧ୍ୟକ୍ଷ ନିର୍ବାଚନ ହୋଇଥିଲେ।

## ନିମ୍ନମାନର କେନାଲ କାମ ବନ୍ଦ କଲେ ଗ୍ରାମବାସୀ

**ଖଇରା, ୨୧।୧(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ଜଳସେଚନ ଉପଖଣ୍ଡ କାର୍ଯ୍ୟାଳୟ ଆମ୍ବହଟା କେନାଲର ସାରକୋଣାଠାରେ ଚାଲିଥିବା କେନାଲ ପାର୍ଶ୍ୱ କଂକ୍ରିଟ ରାସ୍ତା କାମକୁ ବନ୍ଦ ରଖିଛନ୍ତି। ବର୍ତ୍ତମାନ କିଛି ମାସ ଧରି କେନାଲ ପାର୍ଶ୍ୱ ରାସ୍ତାର କଂକ୍ରିଟ ରାସ୍ତାର କାର୍ଯ୍ୟ ଚାଲୁଥିବା ବେଳେ ଏଥିପାଇଁ ୧କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରାଯାଉଛି। ହେଲେ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଅଭିଯୋଗରେ ସ୍ଥାନୀୟ ସରପଞ୍ଚ ନିଳାଦ୍ରୀ ସାହୁଙ୍କ ନେତୃତ୍ୱରେ ବୁଧବାର ବହୁ ଗ୍ରାମବାସୀ କାର୍ଯ୍ୟକୁ ବନ୍ଦ ରଖିଛନ୍ତି। ପୁରୁଣା କଂକ୍ରିଟକୁ ଭାଙ୍ଗି ପୁଣି ଭଲ ଭାବରେ ନୂଆ କରି କାର୍ଯ୍ୟ କରିବାକୁ ସେମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ବସନ୍ତ ଜେନାଙ୍କୁ ଯୋଗାଯୋଗ କରିବାରେ ଅଭିଯୋଗ ପରେ କାର୍ଯ୍ୟ ବନ୍ଦ ରହିଛି। ଠିକ୍ କରି କାର୍ଯ୍ୟ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

## ସଡ଼କ ସୁରକ୍ଷା ସଚେତନତା

**ଘଟଗାଁ, ୨୧।୧(ଡି.ଏନ.ଏ.):** କେନ୍ଦୁଝର ଜିଲା ଘଟଗାଁ ଠାରେ କେନ୍ଦୁଝର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ତରଫରୁ ସଡ଼କ ସୁରକ୍ଷା ମାସ ପାଳିତ ହୋଇଯାଇଛି। ଘଟଗାଁ ହନୁମାନ ମନ୍ଦିର ନିକଟରେ ଏକ ସଚେତନତା ସଭା କରାଯାଇଥିଲା। ରାଜ୍ୟ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କେନ୍ଦୁଝର ଉପଜିଲାପାଳ ରାମଚନ୍ଦ୍ର କିସ୍କୁ, ଘଟଗାଁ ଏସ୍‌ଡିପିଓ ରବୀନ୍ଦ୍ରନାଥ ମଲ୍ଲିକ ଉପସ୍ଥିତ ରହି ସଚେତନ କରାଇଥିଲେ। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ନିର୍ମଳ କୁମାର ମହାନ୍ତି ଅଧ୍ୟକ୍ଷତା କରି ଅତିଥି ପରିଚୟ ପ୍ରଦାନ କରିଥିଲେ।

# ସାଟେଲାଇଟ, ଡ୍ରୋନ୍ ଦ୍ୱାରା ଖଣିର ହେବ ଯାଞ୍ଚ

**ଯୋଡ଼ା,୨୧।୧(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଯୋଡା ଖଣିମଣ୍ଡଳରେ ଥିବା ୩୩ଟି କାର୍ଯ୍ୟକ୍ଷମ ଖଣି ଉପରେ ସାଟେଲାଇଟ ମ୍ୟାପିଂ ଓ ଡ୍ରୋନ୍ ମାଧ୍ୟମରେ ଫଟୋ ଉତ୍ତୋଳନ କରାଯାଇ ଯାଞ୍ଚ କରାଯିବ। ଏ ସଂକ୍ରାନ୍ତରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଚିଠି ନମ୍ବର-୪୩୦/ତା।୧୯।୧।୨୦୨୧ରିଖରେ ରାଉରକେଲା ଆଞ୍ଚଳିକ ଜଙ୍ଗଲ ସଂରକ୍ଷକ ଓରସାକ (ଓଡ଼ିଶା ସ୍ପେସ ରିସର୍ଚ୍ଚ ଆପ୍ଲିକେସନ ସେଣ୍ଟର)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ରାଜ୍ୟ ଖଣି ଯୁଗ୍ମ ନିର୍ଦ୍ଦେଶକ, ଯୋଡା ଯୁଗ୍ମ ଖଣି ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଜଣାଇଛନ୍ତି। ଏହି ଚିଠିରେ ଦର୍ଶାଯାଇଛି ଯେ, କେନ୍ଦ୍ର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ଓଡିଶାର ଲୁହାପଥର ଓ ମାଙ୍ଗାନିଜ ଖଣିର ଧାରଣ ଶକ୍ତି ଅଧ୍ୟୟନ କରିବାପାଇଁ ବିଜ୍ଞାନ ଓ ଶିଳ୍ପ ଗବେଷଣା ପରିଷଦର ଜାତୀୟ ପରିବେଶ ଇଞ୍ଜିନିୟରିଂ ପ୍ରତିଷ୍ଠାନକୁ ଦାୟିତ୍ୱ ଅର୍ପଣ କରାଯାଇଛି। ନ୍ୟାଶନାଲ ଏନଭାରମେଣ୍ଟାଲ ଇଞ୍ଜିନିୟରିଂ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ (ସିଏସଆଇଆର-ଏନ୍ଇଇଆର୍ଆଇ) ଏହି ପ୍ରତିଷ୍ଠାନର ରିପୋର୍ଟ ଜଣେ ପାରଦର୍ଶୀ କର୍ତ୍ତୃପକ୍ଷଙ୍କ ଦ୍ୱାରା ଗୃହୀତ ହେବାପରେ କେନ୍ଦ୍ର ଜଙ୍ଗଲ ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ବିଭାଗର ସର୍କୁଲାର ଅନୁସାରେ କାର୍ଯ୍ୟକାରୀ କରାଯିବ। ଏହା ସହିତ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ବିଭାଗ ପକ୍ଷରୁ ଚିଠି ସଂଖ୍ୟା-୧୧୦୧୩/୨୧ରେ ଜଣାଇ ଦିଆଯାଇଛି। ସନ୍ତୁଳିତ ଖଣିଜ ଖନନ କରିବାପାଇଁ ଓରସାକ ଖଣିର ଲିଜ୍ ଅଞ୍ଚଳର ରିମୋର୍ଟ ସେନ୍ସିଂ କୌଶଳ ମାଧ୍ୟମରେ ପ୍ରତି ୩ ବର୍ଷରେ ଥରେ ଡିଜିଟାଲ ପ୍ରୋସେସିଂ କରି ଖଣିର ଲ୍ୟାଣ୍ଡ ୟୁଜ୍ ପାର୍ଟନ ଉପରେ ତଥ୍ୟ ହାସଲ କରିବ। ଓରସାକ ରିମୋର୍ଟ ସେନ୍ସିଂ ତଥ୍ୟ ମାଧ୍ୟମରେ ପ୍ରତ୍ୟେକ ବର୍ଷ ଲ୍ୟାଣ୍ଡ ୟୁଜ ପ୍ୟାର୍ଟନ ଉପରେ ନଜର ରଖିବା, ଜଙ୍ଗଲ କ୍ଷୟ ଉପରେ ନଜର ରଖିବା, ଜଳର ପ୍ରବାହରେ ପରିବର୍ତ୍ତନ ଇତ୍ୟାଦି ଉପରେ କଡା ଦୃଷ୍ଟି ରଖିବ। ଏହି ରିପୋର୍ଟରେ କୌଣସି ନିୟମ ଉଲ୍ଲଂଘନ ହେଲେ ଜଙ୍ଗଲ ସଂରକ୍ଷଣ ଆଇନ ୧୯୮୦ ର ଅବମାନନା ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏତଦ୍‌ବ୍ୟତୀତ ଶକ୍ତିଶାଳୀ ଡ୍ରୋନ କ୍ୟାମେରା ଦ୍ୱାରା ହାଇଡେଫିନେଶନ ଫଟୋ ଉତ୍ତୋଳନ କରାଯାଇ ସ୍ଥିତିର ଅନୁଧ୍ୟାନ କରାଯିବ। ସୂଚନାଯୋଗ୍ୟ ଯେ, ୨୦୦୯ ମସିହା ପୂର୍ବରୁ ନିଜର ନିର୍ଦ୍ଧାରିତ ଲିଜ୍ ଅଞ୍ଚଳକୁ ଛାଡି ବହୁ ଖଣି କମ୍ପାନୀ ବନାଞ୍ଚଳରେ ଖଣିଖନନ ଓ ସରକାରୀ ଜାଗାରେ ଖଣିଖନନ କରିପକାଇଥିଲେ। ଏହାକୁ ରୋକିବା ପାଇଁ ଓରସାକ ପକ୍ଷରୁ ଏହିପରି କୌଶଳ ଅବଲମ୍ବନ କରାଯାଉଛି।

# କେଶୁ ଦାସ 'ବିଶ୍ୱ ଓଡ଼ିଶା କଳା ପରିଷଦ'ର ଅଧ୍ୟକ୍ଷ



ବାଚସ୍ପତିଙ୍କଠାରୁ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଶିଳ୍ପୀ କେଶୁ ଦାସ।

**ବାଲେଶ୍ୱର ଅଫିସ, ୨୧।୧**

ବାଲେଶ୍ୱର ବିଶିଷ୍ଟ ଶିଳ୍ପୀ କେଶୁ ଦାସଙ୍କୁ 'ବିଶ୍ୱ ଓଡ଼ିଶା କଳା ପରିଷଦ'ର ଅଧ୍ୟକ୍ଷ ଦାୟିତ୍ୱ ମିଳିଛି। ଓଡ଼ିଶା ବିଧାନସଭା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିବା ଓଡ଼ିଆ ଜାତୀୟତା ଜାଗରଣ ଅଭିଯାନ 'ବିଶ୍ୱ ଓଡ଼ିଶା'ର ନବବର୍ଷ ସଂକଳ୍ପ କାର୍ଯ୍ୟକ୍ରମ ଅଧ୍ୟକ୍ଷ ବାଚସ୍ପତି ଡ. ସୂର୍ଯ୍ୟନାରାୟଣ ପାତ୍ର ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବିଶ୍ୱବ୍ୟାପୀ ଓଡ଼ିଆଙ୍କ ମଧ୍ୟରେ ସମ୍ପର୍କ, ସମନ୍ୱୟ ରଖି ଓଡ଼ିଶାର ସାମଗ୍ରିକ ବିକାଶ ଦିଗରେ କାର୍ଯ୍ୟ କରିବା ସହ ଆଗାମୀ ଦିନରେ ଓଡ଼ିଶାର କଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ଭାଷା, ସାହିତ୍ୟ, ସଂସ୍କୃତିକୁ ବିଶ୍ୱବ୍ୟାପୀ ପ୍ରଚାର ପ୍ରସାର କରିବେ ବୋଲି ନବନିଯୁକ୍ତ ଅଧ୍ୟକ୍ଷ ଦାଶ ମତ ରଖିଛନ୍ତି। ଅନ୍ୟପକ୍ଷରେ ଓଡ଼ିଶାର ଆଦ୍ୟ, ପୁରାତନ, ପାରମ୍ପରିକ, ମୌଳିକ ଓ ଲୋକାଦୃତ ଲୋକକଳା ଝୋଟି ସର୍ବଭାରତୀୟ ସ୍ତରରେ ମାନ୍ୟତା ନ ଥିବାରୁ ସେ କ୍ଷୋଭ ପ୍ରକାଶ କରିଥିଲେ। ବିଶ୍ୱସ୍ତରରେ ଉତ୍କଳୀୟ ଝୋଟି ଦିବସ, ଜିଆଇ ଟ୍ୟାଗ ଓ ସର୍ବଭାରତୀୟ ଭୂ-ଅଳଙ୍କରଣରେ ସ୍ଥାନିତ ଲାଗି ସେ ପ୍ରସ୍ତାବ ଦେଇଥିଲେ। ଏହା ଏକ ଓଡ଼ିଶାର ଅସ୍ମିତାର ପ୍ରସଙ୍ଗ ହୋଇଥିବାରୁ ସମସ୍ତ କର୍ମକର୍ତ୍ତା ପ୍ରସ୍ତାବକୁ ଯଥାବିଧି ଆଗେଇ ନେବା ସହ ଗୁରୁତ୍ୱ ଦେଇଥିଲେ।

# ଧାନ ବୋଝେଇ ଟ୍ରକ୍ ଅଟକ ରଖିଲେ ଚାଷୀ


ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

**ଖୁଣ୍ଟା,୨୧।୧(ଡି.ଏନ୍.ଏ.)**

**ବାହାନଡ଼ା ଲ୍ୟାମ୍ପସ୍‌ରେ ଅନିୟମିତତା ଅଭିଯୋଗ**

ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ଅଧୀନ ବାହାନଡ଼ା ଲ୍ୟାମ୍ପସ୍‌ରେ ଗତ ଖରିଫ ଋତୁ ଧାନ କିଣାରେ ଅନିୟମିତତା ହେଉଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଉତ୍ୟକ୍ତ ଚାଷୀ ବୁଧବାର ରାତିରେ ଏକ ଧାନ ବୋଝେଇ ଟ୍ରକ୍‌କୁ ଅଟକ ରଖିଥିଲେ। ଗୁରୁବାର ଏ ସମ୍ପର୍କରେ ଲ୍ୟାମ୍ପସ୍ କାର୍ଯ୍ୟାଳୟ ପରିସରରେ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ଉପସ୍ଥିତିରେ ଆଲୋଚନା କରିବା ସହିତ ଚାଷୀମାନେ ଲ୍ୟାମ୍ପସ୍ ଏମ୍‌ଡି ମଧୁସ୍ମିତା ଦେଙ୍କ ବହିଷ୍କାର ଓ ମିଲରଙ୍କୁ କଳା ତାଲିକାଭୁକ୍ତ କରିବା ପାଇଁ ଦାବି କରିଥିଲେ। ତେବେ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ସମସ୍ୟାର ସାମୟିକ ସମାଧାନ ହୋଇଥିଲା। ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ରଞ୍ଜନ କୁମାର ପଣ୍ଡା, ଉପଖଣ୍ଡ ଏଆର୍‌ସିଏସ୍ ଦୁଃଖିଆ ଟୁଡୁ, ଉପଖଣ୍ଡ ଅତିରିକ୍ତ ଯୋଗାଣ ଅଧିକାରୀ କମଳାକାନ୍ତ ବେହେରା, ଖୁଣ୍ଟା ବ୍ଲକ ଯୋଗାଣ ଅଧିକାରୀ ସସ୍ମିତା ସେଠୀଙ୍କ ଉପସ୍ଥିତିରେ ଗୁରୁବାର ଆଲୋଚନା ହୋଇଥିଲା।

ସୂଚନା ଅନୁଯାୟୀ, ଟୋକନ ପାଇବା ପରେ ଗତ ୧୧ ତାରିଖଠାରୁ ବାହାନଡ଼ା ଲ୍ୟାମ୍ପସ୍‌ର ମୁଖ୍ୟ ମଣ୍ଡିରେ ଚାଷୀମାନେ ଧାନ ପକାଇ ଦିନ ରାତି ଜଗି ରହିଥିଲେ ହେଁ ଏମ୍‌ଡି ଉକ୍ତ ଧାନକୁ ମିଲ୍‌କୁ ପଠାଇବାର କୌଣସି ବ୍ୟବସ୍ଥା କରୁନାହାନ୍ତି। ଚାଷୀମାନେ ବିଭିନ୍ନ ସମୟରେ ଏମ୍‌ଡିଙ୍କୁ ଅନୁରୋଧ କରିଥିଲେ ହେଁ ସୁଫଳ ପାଇ ନ ଥିଲେ। ବୁଧବାର ନିଶ୍ଚିତ ଧାନ ଉଠିଯିବ ବୋଲି ଏମ୍‌ଡି କହିଥିବା ବେଳେ କୌଣସି ମିଲର ଆସି ନ ଥିଲେ। ସେହିଦିନ ଅପରାହ୍ନରେ ଉକ୍ତ ଲ୍ୟାମ୍ପସ୍‌ର ଉପକେନ୍ଦ୍ର ଭୋଳାଗଡ଼ିଆ ମଣ୍ଡିରେ ମିଲର ଧାନ ନେଉଥିବା ଚାଷୀମାନେ ସୂଚନା ପାଇଥିଲେ। ବୁଧବାର ଉକ୍ତ ମଣ୍ଡିରେ ଧାନ କିଣା ବାରି ନ ଥିବା ବେଳେ କେଉଁ ମିଲର ଧାନ ନେଉଛନ୍ତି ସନ୍ଦେହ କରି ଧାନ ବୋଝେଇ ଟ୍ରକ୍‌କୁ ଚାଷୀମାନେ ଅଟକ ରଖିଥିଲେ। ଏସଂକ୍ରାନ୍ତରେ ଜିଲା ଅତିରିକ୍ତ ଯୋଗାଣ ଅଧିକାରୀ ମହାରଣାଙ୍କୁ ପଚାରିବାରୁ ଚାଷୀମାନେ ଲିଖିତ ଅଭିଯୋଗ କଲେ ପଦକ୍ଷେପ ଗ୍ରହଣ ପାଇଁ ଜିଲାପାଳଙ୍କୁ ସୁପାରିଶ କରିବେ ବୋଲି କହିଥିଲେ।

## ଗୋରୁ ମାରି ମାଂସ ବାଣ୍ଟିନେଲେ

**୫ରୁ ଊର୍ଦ୍ଧ୍ୱ ଫେରାର, ଜଣେ ଅଟକ**

**ଉଦଳା, ୨୧।୧ (ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଉଦଳା ଥାନା ଅଧୀନ ଏନ୍ଏସି ୱାର୍ଡ ନଂ. ୧୧ର ଏକ ବିଲ ଭିତରେ ଗୁରୁବାର ଗୋଟିଏ ଗୋରୁକୁ ମାରି କିଛି ଦୁର୍ବୃତ୍ତ ତାହାର ମାଂସକୁ ପରସ୍ପର ମଧ୍ୟରେ ବାଣ୍ଟି ନେବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଅପରାହ୍ନରେ ଏହି ଘଟଣା ଚାଲିଥିଲା। ସ୍ଥାନୀୟ ଲୋକେ ଏହା ଦେଖିପାରି ସେମାନଙ୍କ ନିକଟକୁ ଯାଇଥିବା ବେଳେ ୫ରୁ ଅଧିକ ଦୁର୍ବୃତ୍ତ ସେଠାରୁ ଖସି ପଳାଇ ଯାଇଥିଲେ। ତେବେ ସେଠାରେ ବସି ରହିଥିବା ଜଣେ ଯୁବକଙ୍କୁ ଲୋକେ କାବୁ କରି ଉଦଳା ପୋଲିସ ଜିମା ଦେଇଥିଲେ। ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଦୁର୍ବୃତ୍ତମାନେ ଦୁଇଟି ଗୋରୁଙ୍କୁ ବାଉଁଶରେ ବାନ୍ଧି ମାଂସ କାଟୁଥିବା ପାରିପାର୍ଶ୍ୱିକ ପରିସ୍ଥିତିରୁ ସ୍ପଷ୍ଟ ହୋଇଛି। ଗୋରୁର ଚମଡା, ମୁଣ୍ଡ ଏବଂ ଗୋଡ଼ ସହିତ ଅନେକ ମାଂସ ମଧ୍ୟ ଘଟଣାସ୍ଥଳରେ ପଡ଼ି ରହିଥିବା ଦେଖିବାକୁ ମିଳିଛି। ଏହି ଘଟଣାକୁ ସ୍ଥାନୀୟ ବାସିନ୍ଦା ନିନ୍ଦା କରିଥିବା ବେଳେ ପୋଲିସ ଏହି ଦୁର୍ବୃତ୍ତମାନଙ୍କୁ ଧରିବାକୁ ଦାବି କରିଛନ୍ତି। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ରାଜରାସ୍ତାକୁ ଓହ୍ଲାଇବେ ବୋଲି ରୁଦ୍ରସେନାର ରାଜ୍ୟ ସଭାପତି ସଞ୍ଜୀବ ସାଏବାବୁ ଚେତାବନୀ ଦେଇଛନ୍ତି।

# ମଣ୍ଡିରେ ଅବ୍ୟବସ୍ଥା: ଆନ୍ଦୋଳନ ଚେତାବନୀ

**ଭଣ୍ଡାରିପୋଖରୀ, ୨୧।୧(ଡି.ଏନ.ଏ)**

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକରେ ସରକାରୀ ଧାର୍ଯ୍ୟ ମୂଲ୍ୟରେ ଚାଷୀ ଧାନ ବିକ୍ରି କରିବାରୁ ବଞ୍ଚିତ ହୋଇଛନ୍ତି। ପଞ୍ଜିକରଣ ବ୍ୟବସ୍ଥାରେ ବ୍ୟାପକ ଅନିୟମିତତା ଯୋଗୁ ବ୍ଲକରେ ପ୍ରାୟ ୨ ହଜାର ଚାଷୀ ଆବଶ୍ୟକ କାଗଜପତ୍ର ଦାଖଲ କରି ମଧ୍ୟ ମଣ୍ଡିରେ ଧାନ ବିକି ପାରୁନାହାନ୍ତି। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ ବ୍ୟବସ୍ଥା ପାଇଁ ଟୋକନ ପାଇ ମଧ୍ୟ ନିର୍ଦ୍ଦିଷ୍ଟ ତାରିଖରେ ଚାଷୀ ଧାନ ବିକ୍ରି କରିପାରୁ ନାହାନ୍ତି। କେଉଁଠି ଚଟାଣ ଓ ପାଲ ନାହିଁ ତ କେଉଁଠି ପାନୀୟ ଜଳ ଓ ବିଜୁଳିର ବ୍ୟବସ୍ଥା ହୋଇପାରି ନାହିଁ। କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରଦତ୍ତ ଧାନ ଅଖା, ସୁତୁଲୀ, ଶ୍ରମିକ ଖର୍ଚ୍ଚ, ଯାତାୟାତ ଖର୍ଚ୍ଚ ମଧ୍ୟ ଚାଷୀଙ୍କ ପାଖରେ ପହଞ୍ଚୁନି। ଏଫ୍ଏକ୍ୟୁ ଆଳରେ କଟ୍‌ନି ଛଟ୍‌ନିରେ ଚାଷୀଙ୍କୁ ଶୋଷଣ କରାଯାଉଛି। ୫ରୁ ୧୦ କେଜି ପର୍ଯ୍ୟନ୍ତ ଧାନ କଟାଯାଉଛି। କେନ୍ଦ୍ର ସରକାର ଘୋଷଣା କରିଥିବା ସର୍ବନିମ୍ନ ସହାୟକ ମୂଲ୍ୟ ପାଇବାରୁ ଚାଷୀ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଭାଜପା ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ଏକ ପ୍ରତିନିଧିଦଳ ବିଭିନ୍ନ ମଣ୍ଡି ଗସ୍ତ କରିଛି। ଗୁରୁବାର ପ୍ରତିନିଧିଦଳ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଓ ସମବାୟ ବିଭାଗ ସହପ୍ରବନ୍ଧକଙ୍କୁ ଭେଟି ଚାଷୀମାନଙ୍କ ସମସ୍ୟା ଓ ମଣ୍ଡିଗୁଡ଼ିକର ଅବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଛନ୍ତି। ଏଥିସହ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମଣ୍ଡିରେ ଅବ୍ୟବସ୍ଥାର ସମାଧାନ ଓ ପଞ୍ଜିକରଣରେ ସଂଶୋଧନ ପାଇଁ ଦାବି କରିବା ସହ ଏହାର ଦୂରୀକରଣ କରା ନ ଗଲେ ଭାଜପା ଆନ୍ଦୋଳନକୁ ଓହ୍ଲାଇବ ବୋଲି ଚେତାବନୀ ଦିଆଯାଇଛି। ବରିଷ୍ଠ ନେତା ନିର୍ମଳ ଚନ୍ଦ୍ର କର, ମଣ୍ଡଳ ସଭାପତି ଗିରୀଶ ସାମଲ, ପ୍ରଦ୍ୟୁମ୍ନ ସେନାପତି, ଜୟଦେବ ସେନାପତି, ଅମୂଲ୍ୟ ପରିଡ଼ା, ପର୍ଶୁରାମ ପରିଡ଼ା, ପଦ୍ମନାଭ ପ୍ରଧାନ, ରବିନାରାୟଣ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ଶିବାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଏଯାଏ ମିଳିଲାନି ବୁଲ୍‌ବୁଲ୍ କ୍ଷତିପୂରଣ

**ବନ୍ତ,୨୧।୧(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ତହସିଲ ଅଧୀନ ବିଭିନ୍ନ ଗ୍ରାମର ଶତାଧିକ ଚାଷୀ ଏପର୍ଯ୍ୟନ୍ତ ବୁଲ୍‌ବୁଲ୍ ବାତ୍ୟା କ୍ଷତିପୂରଣ ଅର୍ଥ ପାଇ ନ ଥିବା ଅଭିଯୋଗ ହୋଇଛି। ୨୦୧୯ ନଭେମ୍ବରରେ ବୁଲ୍‌ବୁଲ୍ ବାତ୍ୟାରେ ବ୍ଲକର ଶତାଧିକ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ବାତ୍ୟା ପରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ଅନୁଯାୟୀ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ପାଇଁ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତହସିଲ କାର୍ଯ୍ୟାଳୟକୁ ଆବେଦନ କରିଥିଲେ। ରାଜସ୍ୱ ନିରୀକ୍ଷକଙ୍କ ରିପୋର୍ଟ ଅନୁଯାୟୀ ତହସିଲ କାର୍ଯ୍ୟାଳୟକୁ କ୍ଷତିପୂରଣ ଅର୍ଥ ଆସିଥିଲା। ପ୍ରତ୍ୟେକ ଚାଷୀ ଆବେଦନ ସମୟରେ ନିଜର ଆକାଉଣ୍ଟ ନମ୍ବର ପ୍ରଦାନ କରିଥିଲେ। ଏହାମଧ୍ୟରେ ୧୪ ହଜାର ୬୧୪ ଚାଷୀଙ୍କୁ ୩ କୋଟି ୩୧ ଲକ୍ଷ ୯୧ ହଜାର ୭୮୯ ଟଙ୍କା ପ୍ରଦାନ କରାଯାଇଥିବା ତହସିଲ କାର୍ଯ୍ୟାଳୟ ସୂତ୍ରରୁ ଜଣାଯାଇଛି। ସେଥିମଧ୍ୟରେ ଗଣିଜାଙ୍ଗ ଓ କେନ୍ଦୁଆପଦା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନ ବିଭିନ୍ନ ଗ୍ରାମର ଚାଷୀଙ୍କୁ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯାଇ ସାରିଛି। ଅଣିଜୋ ରାଜସ୍ୱ ସର୍କଲ ଅଧୀନରେ କମ୍ ଚାଷୀଙ୍କୁ କ୍ଷତିପୂରଣ ମିଳିଛି। ଅନ୍ୟ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧୀନରେ ଥିବା ଚାଷୀମାନେ ଏପର୍ଯ୍ୟନ୍ତ କ୍ଷତିପୂରଣ ଅର୍ଥ ପାଇ ନ ଥିବା ଜଣାଯାଇଛି। ଚାଷୀମାନେ ଦେଇଥିବା ବ୍ୟାଙ୍କ ଆକାଉଣ୍ଟରେ କ୍ଷତିପୂରଣ ଅର୍ଥ ପୈଠ କରା ନ ଯାଇ ଭୁଲ୍ ଆକାଉଣ୍ଟରେ ପଠାଯାଇଛି। ଯାହା ଫଳରେ ଏଭଳି ସମସ୍ୟା ଉପୁଜିଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଏ ସମ୍ପର୍କରେ ତହସିଲଦାର ଇନ୍ଦିରା ସାହୁଙ୍କୁ ପଚାରିବାରୁ ରାଜସ୍ୱ ନିରୀକ୍ଷକଙ୍କ ଜରିଆରେ ତଦନ୍ତ କରାଯାଇ ସମାଧାନ କରାଯିବ ବୋଲି କହିଛନ୍ତି।

## ଫୁଲ ଦେଇ ସଚେତନ କଲେ

**ଚମ୍ପୁଆ/ଘାଗରବେଡା, ୨୧।୧(ଡି.ଏନ.ଏ)**

କେନ୍ଦୁଝର ଜିଲା ଘାଗରବେଡା ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ରାସ୍ତାରେ ଯାଉଥିବା ହେଲମେଟଧାରୀଙ୍କୁ ଗୋଲାପ ଫୁଲ ଦେଇ ସମ୍ମାନିତ କରୁଥିବା ବେଳେ ହେଲମେଟ ପିନ୍ଧିନଥିବା ବ୍ୟକ୍ତି ବିଶେଷଙ୍କୁ ହେଲମେଟ ପିନ୍ଧନ୍ତୁ। ନିଜେ ନିଜର ଓ ନିଜ ପରିବାରର ଜୀବନ ବଞ୍ଚାନ୍ତୁ ବୋଲି ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଘାଗରବେଡା ଥାନାର ଏଏସଆଇ ଶ୍ରିଧର ନାଏକ, ଭାଷ୍କର ନାଏକ ଓ ସୁଶିଲ କୁମାର ଗିରି ସମେତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ପୋଲିସର ଏହି କାର୍ଯ୍ୟକୁ ସ୍ଥାନୀୟ ଲୋକ ସାଧୁବାଦ ଜଣାଇଛନ୍ତି।

## ଋଣ ଆଦାୟ କରିବାକୁ ଆସି ଅଡୁଆରେ ଫାଇନାନ୍ସ କମ୍ପାନୀ କର୍ମଚାରୀ

**ପାଟଣା, ୨୧।୧( ସ୍ୱ.ପ୍ର.)**

କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ କେନ୍ଦୁଆପଡା ଛକରେ ଗୁରବାର ରାତିରେ ଏକ ଫାଇନାନ୍ସ କମ୍ପାନୀ କର୍ମଚାରୀମାନେ ଉକ୍ତ ଗ୍ରାମର ମହିଳା ଗ୍ରୁପଙ୍କଠାରୁ ଋଣ କିସ୍ତି ଟଙ୍କା ଆଦାୟ କରିବାକୁ ଆସିଥିଲେ। ସେହିସମୟରେ ଉଭୟଙ୍କ ମଧ୍ୟରେ ଗଣ୍ଡଗୋଳକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି। ମହିଳା ମାନେ କରୋନା ପାଇଁ ବ୍ୟବସାୟ ମାନ୍ଦା ଚାଲିଥିବାରୁ ଏବେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। କିନ୍ତୁ ଫାଇନାନ୍ସ କମ୍ପାନୀର କର୍ମଚାରୀ ମାନେ ଟଙ୍କା ନ ନେଲେ ଯିବେ ନାହିଁ ବୋଲି ଜିଦରେ ଅଟଳରହିଛନ୍ତି। ସୂଚନା ଅନୁଯାୟୀ, ଉକ୍ତ କମ୍ପାନୀଠାରୁ ମହିଳା ମାନେ ସ୍ୱାବଲମ୍ବୀ ହେବା ପାଇଁ ଗ୍ରୁପର ୧୦ ଜଣ ମହିଳା ଜଣ ପିଛା ୩୦ ହଜାର କରି ମୋଟ ୩ ଲକ୍ଷ ଟଙ୍କା ଋଣ ନେଇ ବ୍ୟବସାୟ ଆରମ୍ଭ କରିଥିଲେ। ତେବେ ଉକ୍ତ କମ୍ପାନୀ ରାତିରେ ଆସି ଋଣ ଆଦାୟ କରୁଥିବାରୁ ନାନା କଥା ଶୁଣିବାକୁ ମିଳୁଛି। ଉକ୍ତ କମ୍ପାନୀର ୨ ଯୁବତୀ ଓ ଜଣେ ଯୁବକ ଆସିଥିବା ଜଣା ପଡ଼ିଛି। ଖବର ଲେଖା ହେବା ସୁଦ୍ଧା ଘଟଣାସ୍ଥଳରେ ପୋଲିସ ପହଞ୍ଚି ନ ଥିଲା।

# କ୍ଷେତ୍ର ପରିଦର୍ଶନ କଲେ ନୋଡାଲ ଅଧିକାରୀ

**ଖଇରା, ୨୧।୧(ଡି.ଏନ୍.ଏ.):** ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା ବାଲେଶ୍ୱର ଜିଲା ପାଇଁ ନୋଡାଲ ଅଫିସର ଭାବେ ନିଯୁକ୍ତ ବରିଷ୍ଠ ଅଧିକାରୀ ସଦାନନ୍ଦ ନାୟକ ଦିନିକିଆ ଖଇରା ଗସ୍ତରେ ଆସି ବ୍ଲକର କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଦ୍ୱାରା କରାଯାଇଥିବା ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରିବା ସହ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥିଲେ। ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ତୋଟାପଡାଠାରେ ମୃତ୍ତିକା ସଂରକ୍ଷଣ ବିଭାଗ ଦ୍ୱାରା ଖନନ କରାଯାଇଥିବା ମଧୁସୂଦନ ପ୍ରଧାନଙ୍କ କ୍ଷେତପୋଖରୀ (ଫାର୍ମପଣ୍ଡ) କାର୍ଯ୍ୟ ପରିଦର୍ଶନ କରିଥିଲେ । ପରିଦର୍ଶନ କାଳରେ ହିତାଧିକାରୀମାନଙ୍କ ସହ ବିଭିନ୍ନ ବିଷୟ ଉପରେ ଆଲୋଚନା କରିଥିଲେ ଏବଂ କାର୍ଯ୍ୟ ଦେଖି ସନ୍ତୋଷ ପ୍ରକାଶ କରିଥିଲେ। ଜଳ ବିଭାଜିକ ପ୍ରକଳ୍ପ ନିର୍ଦ୍ଦେଶକ ବିଚିତ୍ର ନାରାୟଣ ମନ୍ତ୍ରୀ, ବ୍ଲକ କୃଷି ଅଧିକାରୀ ବାସୁଦେବ ଶତପଥି, ଜିଲା କୃଷି ଅଧିକାରୀ ପ୍ରସନ୍ନ କୁମାର ମହାପାତ୍ର, ଉଦ୍ୟାନ କୃଷି ବିଭାଗର ଉପନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଅଧିକାରୀ ଅଭିଷେକ ଶତପଥି, କ୍ଷେତ୍ର ଅଧିକାରୀ ଅଶୋକ କୁମାର ରାଉତ, ଉଦ୍ୟାନ କୃଷି ବିଭାଗର ତାରାକାନ୍ତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ନାୟକ ବିଭିନ୍ନ ବିଭାଗର ସମୀକ୍ଷା କରିଥିଲେ।


ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ କରୁଛନ୍ତି।

# ବିପଦ ସାଜିଛି ରାସ୍ତାପାର୍ଶ୍ୱ ଗର୍ତ୍ତ

**ଆରଡ଼ି, ୨୧।୧(ଡି.ଏନ.ଏ.)**

- ପାଇପ୍ ବିଛାଇବା ପାଇଁ ଖୋଳା ଯାଉଛି
- ପୋତିବାରେ ବିଳମ୍ବ ନେଇ ବଢୁଛି ଅସନ୍ତୋଷ

ଭଦ୍ରକ ଜିଲା ଚାନ୍ଦବାଲିରେ ମେଗା ଜଳ ପ୍ରକଳ୍ପ ପାଇଁ ଜିଲାରେ ପ୍ରାୟ ୨ ବର୍ଷ ହେଲା ପାଇପ୍ ବିଛା ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲିଛି। ଭଦ୍ରକ-ଆରଡ଼ି ରାଜ୍ୟ ରାଜପଥ, ଆରଡ଼ି-ଯାଜପୁର ଜାତୀୟ ରାଜପଥ-୨୦ ପାର୍ଶ୍ୱରେ ମାଟି ଖୋଳି ଠିକାଦାର ପାଇପ୍ ବିଛାଉଛନ୍ତି। କିନ୍ତୁ ଏହି କାର୍ଯ୍ୟ ବେଫିକର ଚାଲିଛି ଓ ଏଥିପ୍ରତି ଠିକାଦାର ଦୃଷ୍ଟି ଦେଉ ନ ଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି। ବିଭାଗୀୟ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଉଦାସୀନ ରହୁଥିବା ସ୍ଥାନୀୟ ଅଞ୍ଚଳର ଲୋକେ ପ୍ରକାଶ କରିଛନ୍ତି। ଫଳରେ ରାସ୍ତାପାର୍ଶ୍ୱରେ ଖୋଳା ଯାଉଥିବା ଏହି ଗର୍ତ୍ତ ବିପଦ ସାଜିଥିବା ସାଧାରଣରେ ଅଭିଯୋଗ ହେଉଛି।

ପ୍ରକାଶ ଯେ, ଗତ ୧ ସପ୍ତାହ ହେଲା ଆରଡ଼ି ଅଞ୍ଚଳରେ ଜଣେ ଠିକାଦାର ରାସ୍ତାର ଉଭୟପାର୍ଶ୍ୱରେ ୨୦୦ ମିଟର ବ୍ୟବଧାନରେ ବଡ଼ ବଡ଼ ଗାତ ଖୋଳି ନିର୍ମାଣାଧୀନ କାର୍ଯ୍ୟ ଚାଲୁ ରଖିଛନ୍ତି। ମାତ୍ର ଗାତକୁ ନ ପୋତି ୨ରୁ ୩ ଦିନ ପର୍ଯ୍ୟନ୍ତ ଖୋଲା ରଖୁଛନ୍ତି। ଫଳରେ ଏହି ଗାତ ପାଇଁ ସ୍ଥାନୀୟ ଅଞ୍ଚଳରେ ନାନା ସମସ୍ୟା ସୃଷ୍ଟି ହୋଇଥିବା କୁହାଯାଉଛି। ବୁଲା ଷଣ୍ଢ, ଗୋରୁ ଏହି ଗାତରେ ପଡ଼ି ମୃତ୍ୟୁମୁଖରେ ପଡ଼ିବାର ଆଶଙ୍କା ରହିଛି। ସେହିପରି ଜାତୀୟ ରାଜପଥ ପାର୍ଶ୍ୱରେ ଖାଲ ହୋଇଥିବାରୁ ଚଳାଚଳ କରୁଥିବା ଗାଡ଼ି ଏଥିରେ ପଶି ଜୀବନହାନି ଘଟିବାର ଆଶଙ୍କା ପ୍ରକାଶ କରିଛନ୍ତି ଲୋକେ। ସ୍ଥାନୀୟ ଅଞ୍ଚଳର ଲୋକେ ଏ ବିଷୟରେ କାର୍ଯ୍ୟ କରୁଥିବା ଠିକାଦାରଙ୍କୁ ଗାତ ପୋତିବାକୁ କହୁଥିଲେ ହେଁ ସେମାନେ ଏଥିପ୍ରତି କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ହୋଇଛି। ଭଦ୍ରକ ଜିଲାପାଳ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି କରାଯାଇଛି। ଏ ସମ୍ପର୍କରେ ଚାନ୍ଦବାଲି ତହସିଲଦାର ସୁଶାନ୍ତ ସୁତାରଙ୍କୁ ପଚାରିବାରୁ କହିଛନ୍ତି ଯେ, ରାସ୍ତାପାର୍ଶ୍ୱକୁ ଖୋଳିଲେ ତୁରନ୍ତ ପୋତାଯିବା ଦରକାର। ତେବେ ଖୁବ୍‌ଶୀଘ୍ର ଅନୁଧ୍ୟାନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ।


ମଠଡିହଠାରେ ରାସ୍ତାପାର୍ଶ୍ୱ ଖୋଳାଯାଇଛି।

